# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା ---୨୨୨----/ସୂ.ଲୋ.ସଂ ତା. ୦୪/୦୪/୨୧

## ଜିଲ୍ଲାରେ କରୋନା ସ୍ଥିତି ନିୟନ୍ତ୍ରଣରେ ଜିଲ୍ଲାପାଳଙ୍କ ସମୀକ୍ଷା କର୍ମଚାରୀମାନେ କୋଭିଡ୍-ପ୍ରୋଟୋକଲ ଅନୁପାଳନ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

ଢେଙ୍କାନାଳ, ତା. ୦୪/୦୪/୨୧.

ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍ଭାବନା ସଭାଗୃହ ଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ସଂପ୍ରତି ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ କର୍ମଚାରୀମାନେ କୋଭିଡ୍-ପ୍ରୋଟୋକଲକୁ କଡାକଡି ଭାବେ ଅନୁପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଅଫିସରେ କାର୍ଯ୍ୟରତ ସମୟରେ ସମସ୍ତ କର୍ମଚାରୀ ନିଶ୍ଚିତ ଭାବେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ସାବୁନରେ ନିୟମିତ ହାତ ଧୋଇ ପରିଷ୍କାର-ପରିଚ୍ଛନ୍ନତା ପ୍ରତି ଯତ୍ନଶୀଳ ହେବାକୁ ସେ ପରାମର୍ଶ ଦେଇଛନ୍ତି । କରୋନା ଟିକାକୁ ଅଧିକ ବେଗରେ ନିଆଯାଉଥିବାରୁ, କର୍ମଚାରୀମାନେ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଯଥାଶୀଘ୍ର କୋଭିଡ୍ ଟିକା ନେବାକୁ ସେ ପରାମର୍ଶ ଦେଇଛନ୍ତି । ଜନସାଧାରଣ କୌଣସି କାର୍ଯ୍ୟରେ ବା ଅଭିଯୋଗ ନେଇ ଆସୁଛନ୍ତି, କାର୍ଯ୍ୟାଳୟରେ ରଖାଯାଇଥିବା ବାକ୍ସରେ ଦେଇ, ଅଯଥାରେ ଭିଡ଼ ନ କରିବାକୁ ପରାମର୍ଶ ଦେଇଛନ୍ତି ।

→

ସେହିପରି ଓଡ଼ିଶାର ତିରିଶ ଜିଲ୍ଲାରେ ଥିବା ଜିଲ୍ଲାପାଳ ଜିଲ୍ଲାର
ମୋଟିଭ ହୁଟି ବୈଠକରେ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ,
ବି.ଡି.ଓ., ତହସିଲଦାର, ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା
କରିଥିଲେ । ଏହିପରି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ
ଗ୍ରାମାଞ୍ଚଳରେ ମଧ୍ୟ କଲ୍ୟାଣ ସମିତି ଦ୍ୱାରା ଲୋକମାନଙ୍କୁ ସଚେତନ
କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହିସବୁ ବିଷୟ ଦୃଷ୍ଟିରେ
ଉଚ୍ଚ ସର୍ବସାଧାରଣ ନକଲି ସ୍ଥାନ, ହାଟ-ବଜାର, ଜନସମାଗମ ସ୍ଥାନ
ଆଦିରେ ମାସ୍କ ବ୍ୟବହାର, ସାମାଜିକ ଦୂରତା ପାଳନ କରିବା ନି
ପାଇଁ କହିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।
ଏବଂ ଦୋକାନୀ, ବ୍ୟବସାୟୀମାନଙ୍କର ଦୋକାନ/ ଆଉଟଲେଟ
ଦେଇ କରି ଗ୍ରାହକଙ୍କର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ
ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟ ବାହାରୁ କୌଣସି ବ୍ୟକ୍ତି
ଆସୁଥିଲେ, ସେମାନଙ୍କୁ ପି.ଆର. ସେଣ୍ଟର, ସ୍କୁଲ, ପଞ୍ଚାୟତ ଭବନ,
ଗ୍ରାମ ସେଣ୍ଟର, ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ଠିକ୍ ଭାବରେ ସଂଗରୋଧରେ
ରଖିବାର ବ୍ୟବସ୍ଥା ସହିତ ସେମାନଙ୍କର ଖାଦ୍ୟ, ଔଷଧ ଏବଂ
କରୋନା ପରୀକ୍ଷା ଠିକ୍ ଭାବେ ହେଲେ ତାଙ୍କର ଉପଯୁକ୍ତ ଚିକିତ୍ସା କରିବାକୁ
କହିଥିଲେ । ଏହିସବୁ ପର୍ବପର୍ବାଣୀରେ ଏବଂ, ମନ୍ଦିରଗୁଡ଼ିକରେ ଲୋକ
ଭିଡ଼ ନହେବା ନିମନ୍ତେ, ସର୍ବସାଧାରଣଙ୍କ ସମାଗମକୁ ବାରଣ
କରାଯାଉଛି ।

ଏହିସବୁ କାର୍ଯ୍ୟକଳାପକୁ ଯଥାଯଥ ପରିଚାଳନାଗୁଡ଼ିକରେ
ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ
ପରାମର୍ଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନାରାୟଣ ବେହେରା, ଉପ-ଜିଲ୍ଲାପାଳ, ସଦର ଶ୍ରୀ ସାବିତ୍ରୀ ମଲ୍ଲିକ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁହାସ ରାଣୀ ମିଶ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା-ଅଧିକାରୀ ଡା. ଜ୍ୟୋତିଷ ରଞ୍ଜନ ମହାପାତ୍ର, ଡି.ପି.ଏମ୍. ସୋନାଲୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ଶ୍ରୀ ସୀତାଂଶୁ ଶେଖର ଦାସ, ଆପାତକାଳୀନ ଅଧିକାରୀ ଶ୍ରୀ ଶଶାଙ୍କ ଶେଖର ମିଶ୍ର, ତହସିଲଦାର ଶ୍ରୀ ଲକ୍ଷ୍ମୀଧର ରାଉତ, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅଜୟ କୁମାର ସାମନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

— x —

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ